# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା ଜିଲ୍ଲା

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା ଜିଲ୍ଲାଙ୍କ ତରଫରୁ ୧୨ ଗୋଟି ଖାଲି ଥିବା ପ୍ରାଣୀଧନ ନିରୀକ୍ଷକ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ଉକ୍ତ ୧୨ଗୋଟି ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ବର୍ଗ (Category) | ପୁରୁଷ (Male) | ମହିଳା(Female) | ମୋଟ ପଦବୀ (Total) |
|---|---|---|---|---|
| ୦୧ | ତଫସିଲ୍ ଭୁକ୍ତ ଜନ ଜାତି (S.T) | ୦ | ୦୪ | ୦୪ |
| ୦୨ | ତଫସିଲ୍ ଭୁକ୍ତ ଜାତି (S.C) | ୦ | ୦୨ | ୦୨ |
| ୦୩ | ଅଣ ସଂରକ୍ଷିତ ବର୍ଗ (U.R) | ୦୪ | ୦୨ | ୦୬ |
| | **ମୋଟ (Total)** | **୦୪** | **୦୮** | **୧୨** |

(ଯଦି ଉପଯୁକ୍ତ ମହିଳା ପ୍ରାର୍ଥୀନୀ ନ ମିଳନ୍ତି ତେବେ ସଂପୃକ୍ତ ବର୍ଗର ପୁରଷ ପ୍ରାର୍ଥୀଙ୍କୁ ଚୟନ କରାଯିବ)

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥୀନୀ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ। ଚୁକ୍ତିଭିତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା :**

ଉପରୋକ୍ତ ମୋଟ ଚୁକ୍ତି ଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀର ୫୦ ପ୍ରତିଶତ ଭାଗ ଯେକୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଧନ୍ଦାମୂଳକ ଶିକ୍ଷା (Animal Husbandry/ Dairy / Poultry/ Meat/Animal Production) କିମ୍ବା +୨ବିଜ୍ଞାନରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ଦ୍ୱାରା ପୂରଣ କରାଯିବ ।

ଅବଶିଷ୍ଟ ୫୦ ପ୍ରତିଶତ ଭାଗ ପଦବୀ +୨ବିଜ୍ଞାନ କିମ୍ବା +୨ଧନ୍ଦାମୂଳକ ଶିକ୍ଷା (Animal Husbandry/ Dairy / Poultry/ Meat/Animal Production) ସହିତ କୃତ୍ରିମ ପ୍ରଜନନ କ୍ଷେତ୍ରରେ ତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ଦ୍ୱାରା ପୂରଣ କରାଯିବ ।

ଯଦି ଉପରୋକ୍ତ ଦୁଇ ବର୍ଗ ମଧ୍ୟରୁ ଖାଲିଥିବା ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀ/ ପ୍ରାର୍ଥୀନୀ ନମିଳନ୍ତି, ତା ହେଲେ ସେହି ପଦବୀ ଅନ୍ୟ ବର୍ଗର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ଦ୍ୱାରା ପୂରଣ କରାଯିବ ।

ଏତ୍‌ଦବ୍ୟତୀତ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ (ଓଡିଆ ଏକ ବିଷୟ ଥାଇ) ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ନିୟନ୍ତ୍ରିତ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ। ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ବିଭାଗୀୟ ପ୍ରଶିକ୍ଷଣ ଅନୁଷ୍ଠାନରେ ୧୮ (ଅଠର) ମାସ (Theory) ଓ ପ୍ରାଣୀ ଚିକିତ୍ସାଳୟ / ଫାର୍ମରେ ୬ (ଛଅ) ମାସ(Practical) ମିଶାଇ ମୋଟ ୨ (ଦୁଇ) ବର୍ଷ ଟ୍ରେନିଂ ଦିଆଯିବ। ଟ୍ରେନିଂ ସମୟରେ ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କୁ ମାସିକ ଟ.୭୨୦୦ଙ୍କା (ସାତ ହଜାର ଦୁଇ ଶହ) ଟଙ୍କା ଭତ୍ତା ଦିଆଯିବ ।

ଉକ୍ତ ଟ୍ରେନିଂରେ ଉତ୍ତୀର୍ଣ୍ଣ ହୋଇଥିବା ସଫଳ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କୁ ପ୍ରାଣୀଧନ ନିରୀକ୍ଷକ ଭାବେ ଏକ ବର୍ଷ ପାଇଁ ଚୁକ୍ତି ଭିତ୍ତିକ ନିଯୁକ୍ତି ଦିଆଯିବ ଏବଂ କାର୍ଯ୍ୟଦକ୍ଷତା ସନ୍ତୋଷ ଜନକ ହେଲେ ଉକ୍ତ ନିଯୁକ୍ତିର ମିଆଦ ବଡାଇ ଦିଆଯାଇପାରେ ।

ଚୁକ୍ତି ଭିତ୍ତିକ ପ୍ରାଣୀଧନ ନିରୀକ୍ଷକଙ୍କୁ ମାସିକ ସନ୍ତୋଷ ମୂଳକ ପାରିଶ୍ରମିକ (Consolidated Monthly Remuneration) ବାବଦକୁ ଟ. ୫୨୦୦/-+ ଟ. ୨୦୦୦/- = ଟ ୭୨୦୦/- ଦିଆଯିବ ।

**ବୟସ ସୀମା-**

ସାଧାରଣ ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧.୦୧.୨୦୧୬ ସୁଦ୍ଧା) ହୋଇଥିବା ଆବଶ୍ୟକ । ତଫସିଲ୍ଭୁକ୍ତ ଜାତି/ଜନଜାତି ଏବଂ ପଛୁଆ ବର୍ଗ ଜାତି ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ (ପାଞ୍ଚ) ବର୍ଷ କୋହଳ କରାଯିବ । ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୫ ବର୍ଷ ହୋଇଥିବା ଆବଶ୍ୟକ (୦୧.୦୧.୨୦୧୬ ସୁଦ୍ଧା) ।

**ଶାରୀରିକ ଦକ୍ଷତା-**

୧. ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ (Sound Health, Good Physique), ଚଳ ଚଞ୍ଚଳ ଅଭ୍ୟାସ (Active Habits), ସର୍ବନିମ୍ନ ଉଚ୍ଚତା- ୫ ଫୁଟ ୨ଇଞ୍ଚ୍, ଛାତି ଅଣସଂପ୍ରସାରିତ- ୩୦ (ତିରିଶି) ଇଞ୍ଚ ରହିବା ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି (Organic Defect) କିମ୍ବା ମାନସିକ ଅକ୍ଷମତା (Mental Infirmity) ନ ଥିବା ଆବଶ୍ୟକ । ପ୍ରାର୍ଥୀ ମଧ୍ୟ ସାଇକେଲ ଚଲାଇବା ଜାଣିଥିବେ ।

**ସାଧାରଣ ଯୋଗ୍ୟତା-**

୧) ପ୍ରାର୍ଥୀ/ପ୍ରାର୍ଥୀନୀ ଭାରତର ନାଗରିକ ହୋଇଥିବେ । ବିବାହିତ ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କର ଗୋଟିଏ ସ୍ତ୍ରୀ /ସ୍ୱାମୀରୁ ଅଧିକ ନ ଥିବେ ।

୨)ଓଡିଆ ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ । ପ୍ରାର୍ଥୀ/ପ୍ରାର୍ଥୀନୀ ସେମାନଙ୍କର ନାମ ରାୟଗଡ଼ା ଜିଲ୍ଲାର କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩) ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାଇ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସହ ବନ୍ଦ ଲଫାପାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା (Chief District Veterinary Officer, Rayagada) କାର୍ଯ୍ୟାଳୟରେ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ମଧ୍ୟ ଦାଖଲ କରି ପ୍ରାପ୍ତି ସ୍ୱୀକାର ରସିଦ୍ ନେଇପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ **'ପ୍ରାଣୀଧନ ନିରୀକ୍ଷକ ତାଲିମ ପାଇଁ ଦରଖାସ୍ତ'** ଉଲ୍ଲେଖ କରିବା ଆବଶ୍ୟକ । ପ୍ରକାଶଥାଉକି, ଯେ କୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

**ଦରଖାସ୍ତ ଫର୍ମ**

**(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)**

୧. ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ନାମ-

୨. ପିତା/ସ୍ୱାମୀଙ୍କ ନାମ-

୩. ସ୍ଥାୟୀ ଠିକଣା-

୪. ଯୋଗା ଯୋଗ ଠିକଣା-

୫. ଜାତୀୟତା-

ଫୋଟ ସଂଲଗ୍ନ କରାଯିବ

୬. ଜନ୍ମ ତାରିଖ
୭.ଶିକ୍ଷାଗତ ଯୋଗ୍ୟତା-
୮.ଉଚ୍ଚତା-
୯. ଛାତି ଅଣସଂପ୍ରସାରିତ-
୧୦. ଜାତି (SC/ST/SEBC/GEN)
୧୧. ବିବାହିତ / ଅବିବାହିତ-
୧୨. ପୁରୁଷ/ମହିଳା-
୧୩. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ରମିକ ନଂ. ଓ ତାରିଖ- ମୁଁ ଏତତ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

**ତାରିଖ :** **ଆବେଦନକାରୀଙ୍କ ସ୍ୱାକ୍ଷର**

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରାମାଣ ପତ୍ର :-**

୧. ନିଜର ଦୁଇଗୋଟି ଆଟେଷ୍ଟେଡ୍ ହୋଇଥିବା ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରାମାଣ ପତ୍ରର ଆଟେଷ୍ଟେଡ୍ ନକଲ । (HSC/+2 Vocational/+2 Science Certificate ଓ Marksheet) ସହିତ

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ହାଲ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୫.କର୍ମନିୟୋଜନ ସଂସ୍ଥାର ପଞ୍ଜୀକୃତ କାର୍ଡର ଆଟେଷ୍ଟେଡ୍ କପି ।

୬.ଜାତିଗତ ପ୍ରମାଣ ପତ୍ରର (SC/ST/SEBC) ର ଆଟେଷ୍ଟେଡ୍ କପି ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସଂପର୍କୀୟ ହୋଇନଥିବେ ।

୮.ଯୁକ୍ତ ଦୁଇ ଧନ୍ଦାମୂଳକ ଓ ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସ୍ଥଳେ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ଗତ ତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟକୁଶଳତାର ଅନୁଭୂତି ପ୍ରାମାଣ ପତ୍ରର ଆଟେଷ୍ଟେଡ୍ କପି ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ : ୦୧.୧୧.୨୦୧୭**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସଂପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ, ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ ବା ପ୍ରାର୍ଥୀନୀ ଡାକ ଦ୍ୱାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସଂପୁର୍ଣ୍ଣ ଦରଖାସ୍ତ/ ଆବଶ୍ୟକୀୟ ପ୍ରମାଣ ପତ୍ର (attested copy) ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

**ସ୍ୱା/ -ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା**